## THE PROPOSAL
## (BLUE PRINT)

**TITLE:**

**SAFEGUARDING KALANGA DANCE THE TREASURE TROVE OF LIVING TRIBAL TRADITIONS IN WESTERN ODISHA**

**PROJECT CONTEXT:**

India is among the few countries in the world where the continuity in its folk & tribal culture, indigenous craft, tradition, beliefs and skills have survived over centuries. The folk & tribal art form are handed over from one from one generation to the next, largely rich in their authenticity and expression. Much of India is treasure trove of such living traditions. For many communities and groups in the country, the intangible cultural heritage is the essential source of an identity, deeply rooted in the past. Among various tribal dances form KALANGA a popular tribal dance has totally been forgotten under the monstrous spell of westernization and most of all the modern Odia and Sambalpurisongs?The intangible nature of this heritage also makes it vulnerable. Day, with the sway of the market economy, the repositories of these ancient traditions is switching to professions with greater monetary returns. Furthermore, the pace of this change is escalating-resulting in many of these traditions and arts to escape from our living memory. The need to stop further losses can not be more urgent and the INTACH can and ought to play a major role in this endeavour.

Looking to this bitter part of the fact and with a view to safeguard the bits, tunes& music of Kalanga Dance of tribal tradition with out hampering its primitive form BasudevSa proposed a project to The Secretary SangeetNatak Academy, New Delhi

**ABOUT THEBEATS, TUNES, DANCE & MUSIC OF KALANGA DANCE**

Since time immemorial the Kalanga community (S.T) has marked their presence at Balangir. History speaks they were being given as presentation to the king of Patna and were being posted as security guard. The Kalanga community are daring and are very obedient. The Kalanga community has been performing Kalanga dance (Tribal dance) since their existence in Balangir. The Kalanga dance has a special place in the traditional culture.(It is a special type of traditional dance).This dance is completely based on" Veer Ras" and "PremRas". The beats, tunes, and music of Kalanga dance are also so sweet that it frenzied the performer as well as the audience. The song sang in this dance is in Laria (S.T) language and the dance is confined only with in the

Kalangacommunity. In this dance the Danda (stick) has the main role to play that's why at times this dance was called as Danda dance. The Danda has been made from the wood of Dhatuk tree. The Kalanga community put foundation of Kalanga dance every year. On KartikaAmabasya, on the day both lord Shiva and Parvati is being worshipped by the community. Further the main instruments Danda, Mandal, Jhanj are also being worshipped. On the day the tites and rituals are being done by the female leader of the community. Actual the Kalanga dance started on the PausaPurnami after worshipping of the Dance, Mandal, and Jhanj.

The Kalanga dance has been continuing from one month and the dance has been performed by the performer only in the village where the performer are being invited and the performers are treated as the guest and friend by the villagers. In the Kalanga dance there are 3 nos of mondal players one Jhangi players, one singer one pillion singer 14 or16 nos of dancers who used to perform the Kalanga dance all together. The dancers were keeping the Danda in one hand and a mirror in the other hand. All the performers wear Dhoti, turban in the head and Ghunguru in the foot and a peacock feather on the turban. They dance very beautifully to the beats and tunes of the Mandal and the audience becomes frenzied. The dance has played a vital role in being unity among the community.

**PROJECT OBJECTIVES**

- To take a study on the Kalanga community and their involvement on Kalanga Dance to find out the importance & impact of the Kalanga Dance of Balangiron the community.
- To document Kalanga Dance ofBalangir under Western Odisha& its beats, tunes, music & dance in written as well as in photography & videography.
- To prepare a thesis on the Kalanga Dance & its beats, tunes, music & dance along with its social & other impacts & effects on the community
- To promote and popularize the Kalanga Dance of Balangir under Western Odisha& its beats, tunes, music & danceby wide circulation of the thesis
- Make people understand and realize Kalanga Dance of Balangir under Western Odisha& its beats, tunes, music & dance

## PLAN OF IMPLEMENTATION

- Survey and study will be taken to know about the Kalanga community and their involvement on Kalanga Dance & the importance & impact of the Kalanga Dance of Balangir under Western Odisha on the community
- Collect data on Kalanga Dance & the importance & impact of the Kalanga Dance & its beats, tunes, music & dance through a questionnaire schedule by interaction with the Kalanga Community &local old people & about the importance & impact of the same on the society and record the same.
- Analysis, compilation & finalization of the data collected on Kalanga Dance & its beats, tunes, music & dance.
- Preparation of thesis on the Kalanga community and their involvement on Kalanga Dance to find out the importance & impact of the Kalanga Dance of Balangir under Western Odisha on the community.
- Submission of reports & returns and wide circulations of the thesis for the popularization of the same.

**TIME LINE:**

| Sl No. | Particulars of Activities | Time/duration |
|---|---|---|
| 1 | Survey and study | 1& ½ months |
| 2 | Collection of data about Kalanga Community and details of Kalanga Dance& its beats, tunes, music & dance. | 2 & ½ months |
| 3 | Analysis, compilation & finalization of the data collected. | 2 months |
| 4 | Documentation & Preparation of thesis on Kalanga Dance | 2 months |
| 5 | Submission of reports & returns and wide circulations of the thesis | 2 months |
| 6 | Follow Up Phase & Withdrawal Phase | Post Project Phase |

**OUT COME:**

- The Kalanga Dance of Balangir under Western Odishawill get an exposure for its promotion & popularization
- The dying art form of the beats, tunes, music & dance of Kalanga Dance will be preserved as people will understand the importance and passionate to wards the bits and tunes of customary worship culture.
- The Kalanga dance wiil be replicated to other community also in future.

## ACTIVITIES ALREADY TAKEN AFTER SANCTION OF THE PROJECT

- Selected area Khaprakhol Block of Balangir District where the kalanga community was mark it presence and the Kalanga Dancehas been there in its primitive form.
- Identified Beats, Tunes, Dance & Music of Kalanga Dance.
- Conducted Survey & study in the concerned area to know about the different group practicing Kalanga Dance in the area & the musical instruments used in the Kalanga Dance and the purpose of Kalanga Dance through collection of secondary data from the old & traditional people, referred books, from the artists practicing Kalanga Dance
- Took photographs of different group practicing Kalanga Dance

**OUT PUT**

| | |
|---|---|
| Coverage Area | Survey & study taken up in Khaprakhol&PatnagarhBlock, in Balangir District under KBK trinity in western part of Odisha |
| Meeting organized | Patrapali of Khaparkhol Block &Kalangapali&Gourpali of Patnagarh Block under Balangir District. |
| Person Contacted during secondary data collection | Ananda Ch. Sahu<br>LaxminathPandey |
| Views of the Applicant Basudev Sa (as data collected) | The Kalanga dance has been in force in Balangir district since time immemorial and now it is being existed in Khaparkhol Block of Patnagarh Sub Division under Balangir district. The beautiful Advisi (ST) Dance which is the soul source of entertainment for the Kalanga community and which was fetching a good price for the livelihood of the family exhibiting Kalanga Dance has been forgotten under the monstrous spell of westernization and most of all the modern Odia and Sambalpuri songs. Hence it is high time we should came forward to preserve such a pristine secred culture that has contributed a lot in bringing the unity along with devotion and dedication among the people. However to take a study for safeguarding the same I Basudev Sa has taken keen interest. However to maintain the expenditure as sanctioned and to avoid more time the survey and study on the Kalanga Dance |

# କଲଙ୍ଗା ନାଚ
# ଓ
# କଲଙ୍ଗା ଜାତିର
# ଜନଜୀବନ



କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ, ନୂଆଦିଲ୍ଲୀ

# କଲଙ୍ଗା ନାଚ
# ଓ କଲଙ୍ଗା ଜାତିର
# ଜନଜୀବନ

ବାସୁଦେବ ସା

<u>ସଂସାଧକ</u>

ଆନଂଦ ଚଂଦ୍ର ସାହୁ

କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ, ନୂଆଦିଲ୍ଲୀ

# କଲଙ୍ଗା ନାଚ ଓ କଲଙ୍ଗା ଜାତିର ଜନଜୀବନ

ଲେଖକ : ବାସୁଦେବ ସା

ସଂସାଧକ : ଆନଂଦ ଚଂଦ୍ର ସାହୁ

ପ୍ରକାଶକ : କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ, ନୂଆଦିଲ୍ଲୀ

ପ୍ରଚ୍ଛଦପଟ୍ଟ
ଡିଜାଇନ୍ : ଆନଂଦ ଚଂଦ୍ର ସାହୁ

ମୁଦ୍ରଣ : ଆନଂଦ ପ୍ରିଣ୍ଟର୍ସ, ଶାନ୍ତିପଡ଼ା, ବଲାଙ୍ଗିର- ୨

ପ୍ରକାଶନ : ନଭେମ୍ବର ୨୦୧୫

**KALANGA NACHA**
**O KALANGA JATIRA JANAJEEBAN**

Writer : Basudev Sa
Resource Person : Ananda Chandra Sahu

Publisher : Sangeet Natak Akademy, New Delhi

Cover Designer : Ananda Chandra Sahu

Printing : Anand Printers, Shantipara, Balangir-2

Publication : November 2015


## ଲେଖକୀୟ ମନ୍ତବ୍ୟ

ଖୁବ୍ ଆମୋଦପ୍ରଦ ଥିଲା ଏହି ଯାତ୍ରା । କଲଙ୍ଗା ଜାତିର ଜନଜୀବନ ଓ ସେମାନଙ୍କ ପାରମ୍ପାରିକ ନାଚ ସଂପର୍କରେ ଅନୁଧ୍ୟାନ କରିବା ସମୟରେ ଅପୂର୍ବ ବିମୁଗ୍ଧତା ପ୍ରାପ୍ତ ହୋଇଛି; ଯାହା ଜୀବନ ସାରା ଭୁଲି ହେବନାହିଁ । ଏହି ଯୋଜନା ଭିତିରେ ବଡ଼ଭାଇ ଆନଂଦ ଚଂଦ୍ର ସାହୁଙ୍କୁ ସଂସାଧକ ଭାବେ ପାଇ ମଧ୍ୟ ଆହୁରି ଅନେକ ବିଷୟରେ ଅବଗତ ହୋଇ ପାରିଲି । ସର୍ବୋପରି କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ, ନୂଆଦିଲ୍ଲୀ ମତେ ଏଭଳି ଏକ ସୁଯୋଗ ପ୍ରଦାନ କରିଥିବାରୁ ମୁଁ ଚିର କୃତଜ୍ଞ ।

ବାସୁଦେବ ସା

SAFEGUARDING KALANGA DANCE THE TREASURE TROVE OF LIVING TRIBAL TRADITIONS IN WESTERN ODISHA (ICH)

Sopport by :
**Sangeet Natak Akademi, New Delhi**

Organised by :
**BASUDEV SA, BOLANGIR, ODISHA**

କଲଙ୍ଗା ନୃତ୍ୟ ବଲାଙ୍ଗିର ଜିଲ୍ଲାର ଏକ ବିଶିଷ୍ଟ ପାରମ୍ପାରିକ ନାଚ । ପରମ୍ପରା ଓ ସଂସ୍କୃତି ଜଗତରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି, ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ସ୍ୱଭାବତଃ ଏହି ନାଚ ବୀର ରସ ଉପରେ ଆଧାରିତ । ଏହାର ତାଳ, ଲୟ ଏତେ ମଧୁର ଯେ ଦର୍ଶକଙ୍କୁ ମୋହାଚ୍ଛନ୍ନ କରି ପକାଇବା ସ୍ୱଭାବିକ । ଏହି ନାଚରେ ବ୍ୟବହାର କରାଯାଉଥିବା ଗୀତ ଲରିଆ ଭାଷାରେ ବୋଲାଯାଏ । ତେବେ ଏହି ନାଚ କଲଙ୍ଗା ନାମକ ଆଦିବାସୀ ସଂପ୍ରଦାୟ ମଧ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ସୀମିତ ଥିବାର ଅନୁମାନ କରାଯାଏ । ଏହି ଆଦିବାସୀ ସଂପ୍ରଦାୟର ନାମ ଅନୁସାରେ ଏହି ନାଚର ନାମକରଣ ହୋଇଥିବା ଅନୁମିତ । ଏହା ସଂପର୍କରେ ଆଲୋଚନା କରିବା ପୂର୍ବରୁ ଏହି ସଂପ୍ରଦାୟ ସଂପର୍କରେ ସମ୍ୟକ ଆଲୋକପାତ କଲେ ବୋଧହୁଏ ଆହୁରି ସ୍ପଷ୍ଟ ହୋଇପାରିବ ଆଲୋଚନାର ପ୍ରସଙ୍ଗ ।

ଜଣାପଡ଼େ, କଲଙ୍ଗାମାନେ ସିନ୍ଧୁ ସଭ୍ୟତାରୁ ଦକ୍ଷିଣ ଆଡ଼କୁ ଅଗ୍ରସର ହୋଇଥିଲେ । ଏମାନେ ଚାରି ଭାଗରେ ବିଭକ୍ତ ହେଲେ, ଯଥା; ଚେରା କଲଙ୍ଗା, କେଲା କଲଙ୍ଗା, କୁଅଁର କଲଙ୍ଗା ଓ ଶିରଦାର କଲଙ୍ଗା । ପଶ୍ଚିମ ଓଡ଼ିଶାର ବଲାଙ୍ଗିର ଜିଲ୍ଲାରେ ଶିରଦାର କଲଙ୍ଗାମାନେ ରହୁଥିବା କୁହାଯାଏ । କଲଙ୍ଗାମାନେ ସ୍ୱୀକାର

କରନ୍ତି ଉପରୋକ୍ତ ଚାରି କଳଙ୍ଗାମାନଙ୍କ ମଧ୍ୟରୁ ଶିରଦାର କଳଙ୍ଗାମାନେ ମୁ
ଗୋଷ୍ଠୀ ଭାବରେ ଅବିହିତ ହୁଅନ୍ତି ।




କଳଙ୍ଗା ଜାତିର ଲୋକ କାହିଁ କେତେ ବର୍ଷ ପୂର୍ବରୁ ପଶ୍ଚିମ ଓଡ଼ିଶାରେ ବସବାସ କରୁଛନ୍ତି ଏବଂ ସେମାନଙ୍କ ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରୟା ଜାରି ରଖିଛନ୍ତି । କିମ୍ବଦନ୍ତୀ ଅନୁସାରେ ପାଟଣା ରାଜା ରମାଇ ଦେଓଙ୍କ ମା ଯେତେବେଳେ ରାଣୀ ହୋଇ ପାଟଣାକୁ ଆସିଥିଲେ ସେହି ସମୟରେ ଯୌତୁ ଭାବରେ କଳଙ୍ଗା ସଂପ୍ରଦାୟର କିଛି ପରିବାରକୁ ସାଙ୍ଗରେ ନେଇ ଆସିଥିଲେ । ଏ ସଂପ୍ରଦାୟର ପରିବାରମାନେ ବିଶେଷ ଭାବରେ ପ୍ରଭୁଭକ୍ତ ତଥା ନିର୍ଭିକ ହୋଇଥିବ ଯୋଗୁଁ ଏମାନଙ୍କୁ ସେତେବେଳେ ରାଜା ଗଡ଼ରକ୍ଷକ ଭାବରେ ଗ୍ରହଣ କରିଥିଲେ ତେବେ ଏମାନେ କେଉଁଠୁ କେବେ କେମିତି ଆସିଥିଲେ.... ସେ ସଂପର୍କରେ ବିଶେ ଆଲୋଚନା କରିବା ଏଠାରେ ସମ୍ଭବପର ନୁହେଁ । କାରଣ ଆମେ କଳଙ୍ଗା ନାଚ ଉପରେ ଏହି ପର୍ଯ୍ୟାୟରେ ଆଲୋଚନା କରିବାର ଉଦ୍ଦେଶ୍ୟ ରଖିଛୁ ଆଖି ସାମ୍ନାରେ

ଏହି ସଂପ୍ରଦାୟର ଜନସାଧାରଣ ମଧ୍ୟ ମା' ପାଟଣେଶ୍ୱର ଏବଂ ମା ସମଲେଶ୍ୱରୀଙ୍କୁ ନିଜର ଇଷ୍ଟ ଦେବୀ ଭାବରେ ଗ୍ରହଣ କରନ୍ତି ଏବଂ ଗୀତ, ନାଚରେ ତାହା ମଧ୍ୟ ପ୍ରକାଶ କରନ୍ତି । ତେବେ ଏହି ସଂପ୍ରଦାୟର ପାରମ୍ପାରିକ ନାଚ ହେଉଛି କଳଙ୍ଗା ନାଚ । ଏହି ନାଚରେ ଏକ ଦଣ୍ଡର ଭୂମିକା ରହିଥିବାରୁ ଏହାକୁ 'ଦଣ୍ଡା ନାଚ



ମଧ୍ୟ କୁହା ଯାଇଥାଏ । ଏହି ଦଣ୍ଡା ଧାଡ୍ରୁକ୍ ନାମକ ଏକ ଗଛର କାଠରେ ପ୍ରସ୍ତୁତ ହୋଇଥାଏ । କଳଙ୍ଗା ସଂପ୍ରଦାୟର ଲୋକ କୁହନ୍ତି ଯେ, ଏହି ନାଚ ପାଇଁ ଭିତ୍ତି ପଡ଼େ ପ୍ରତି ବର୍ଷ କାର୍ତ୍ତିକ ଅମାବାସ୍ୟା ଦିନ । ଏହି ଦିନ ଏହି ସଂପ୍ରଦାୟର ଲୋକେ ଗଉରା ପୂଜା କରିଥାନ୍ତି । ଏଥିରେ ଶିବ, ପାର୍ବତୀଙ୍କୁ ହିଁ ପୂଜା କରାଯାଇଥାଏ ଏବଂ ଶିବ ପାର୍ବତୀଙ୍କୁ ସ୍ଥାପନା କରିଥାନ୍ତି । ଏଠାରେ ମାନ୍ଦଲ ଓ ଝାଂଜ୍‌କୁ ମଧ୍ୟ ପୂଜା କରାଯାଇଥାଏ । ଉପବାସ କରିଥିବା ମହିଳାମାନେ ରାତି ସାରା ଉଜାଗର ରହି ମାନ୍ଦଲ୍ ବାଜାର ତାଳେ ତାଳେ ଶିବ ପାର୍ବତୀଙ୍କ ବିଭିନ୍ନ ବନ୍ଦନାଧର୍ମୀ ଗୀତ ମାଧ୍ୟମରେ ନାଚନ୍ତି । ତା'ପର ଦିନ ସକାଳେ ନଗର ଭ୍ରମଣ ହେବା ପରେ ଶିବ ପାର୍ବତୀଙ୍କୁ ବିସର୍ଜନ କରାଯାଇଥାଏ । ଏହି ସଂପ୍ରଦାୟର ପୂଜନୋତ୍ସବର ବିଶେଷତ୍ୱ ହେଲା ଏଥିରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରା ଯାଏନାହିଁ । ତାଙ୍କ ସଂପ୍ରଦାୟର ମୁଖିଆ ହିଁ ପୂଜା କରିଥାନ୍ତି । ଗୌରା ପୂଜା ଦିନ ଏହି ସଂପ୍ରଦାୟର 'ମୁଖିଆ ମହିଳା' ପୂଜା କରନ୍ତି । ତେବେ ଏହି ଉତ୍ସବ ଦିନ କଳଙ୍ଗା ନାଚ ନ ହେଲେ ମଧ୍ୟ କଳଙ୍ଗା ନାଚରେ ବ୍ୟବହୃତ ହେଉଥିବା ମାନ୍ଦଲ ପୂଜା ହୋଇ ବାହାରୁଥିବାରୁ ଏହି ଦିନ କଳଙ୍ଗା ନାଚର ଭିତ୍ତି ପଡ଼େ ବୋଲି କଳଙ୍ଗା ସଂପ୍ରଦାୟର ଲୋକେ ବିଶ୍ୱାସ କରନ୍ତି ।



# କଲଙ୍ଗାମାନଙ୍କ ପର୍ବ ପର୍ବାଣୀ

କଲଙ୍ଗାମାନଙ୍କ ପର୍ବ ପର୍ବାଣୀରେ ମୁଖ୍ୟ ସ୍ଥାନ ନିଏ ପିତୃଶ୍ରାଦ୍ଧ; ଯାହା ଏମାନେ ମସାନ୍ ତିହାର୍ ବୋଲି କୁହନ୍ତି । ଏହି ତିହାର୍‌ରେ ନିଜର ପୂର୍ବ ପୁରୁଷ ଖୁବ୍ ଆତ୍ମୀୟତା ସହକାରେ ପୂଜା କରାଯାଇଥାଏ । ସେମାନଙ୍କ ମଧ୍ୟରେ ବିଶ୍ୱା ରହିଛି, ଏହି ତିହାର୍ ଅବସରରେ ସେମାନେ ସେମାନଙ୍କ ପରିବାରର ଦିବଙ୍ଗ ଆତ୍ମାମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପୂଜା କରନ୍ତି ଏବଂ ଏହି ତିହାର୍ ଦିନ ତାଙ୍କ ପିତୃପୁରୁଷ ତାଙ୍କ ଠାରୁ ପୂଜା ପାଇ ସନ୍ତୁଷ୍ଟ ହୁଅନ୍ତି ।

କଲଙ୍ଗାମାନଙ୍କ ଅନ୍ୟ ଏକ ବିଶିଷ୍ଟ ପର୍ବ ହେଉଛି ସେମି ନୂଆଖାଇ । ଏହି ତିଥିରେ ସେମାନେ ଖୁବ୍ ଆନନ୍ଦ ଉଲ୍ଲାସର ସହ ଉତ୍ସବକୁ ପାଳନ କରିଥାନ୍ତି । ଠିକ ଭାବରେ କହିବାକୁ ଗଲେ, ବାଡ଼ିରେ ଫଳିଥିବା ସିମ୍ବକୁ ସେମାନେ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ପରେ ସିମ୍ବ ଖାଆନ୍ତି ଏବଂ ବର୍ଷର ଯେଉଁ ନିର୍ଦ୍ଧାରିତ ଦିନ ସେମାନେ ସିମ୍ବ ଖାଆନ୍ତି, ସେହି ଦିନକୁ ସିମ୍ବ ନୂଆଖାଇ ଭାବରେ ପାଳନ କରନ୍ତି । ତାକୁ ସେମାନେ ତାଙ୍କ ଭାଷାରେ ସେମି ନୂଆଖାଇ ବୋଲି କୁହନ୍ତି । ସେମି ନୂଆଖାଇ ଦିନ ବିଭିନ୍ନ. ବ୍ୟଂଜନରେ ପ୍ରତ୍ୟେକ ପରିବାର ଅତି ଉଲ୍ଲସିତ ଭାବେ ପର୍ବ ପାଳନ







କରୁଥିବା ବେଳେ ପଶ୍ଚିମ ଓଡ଼ିଶାରେ ପାଳନ ହେଉଥିବା ନୂଆଖାଇ ଗଣ ପର୍ବ ଭଳି ପରିବାରବର୍ଗର ସମସ୍ତ ସଦସ୍ୟ ଗୋଟିଏ ସ୍ଥାନରେ ପୂଜା କରିବାକୁ ପସନ୍ଦ କରନ୍ତି ।

ଖଁଡ଼ାଧୁଆ ଯାତ୍ରା ଏମାନଙ୍କ ଅନ୍ୟତମ ପର୍ବ । ଦେବୀଙ୍କ ପୂଜନୋତ୍ସବ ପୂର୍ବରୁ ଏହି ଯାତ୍ରା ଆରମ୍ଭ ହୁଏ । ଖୁବ୍ ନିଷ୍ଠାର ସହକାରେ ଏହି ଯାତ୍ରା କଲଙ୍ଗାମାନେ ପାଳନ କରନ୍ତି ବୋଲି କୁହାଯାଏ ।

ଜେଠାନି ଉଆଁସ ମଧ୍ୟ ସେମାନଙ୍କର ଏକ ପର୍ବ । ଏହି ପର୍ବ ମଧ୍ୟ ସେମାନଙ୍କ ବଡ଼ ଧୁମ୍‌ଧାମ୍‌ରେ ପାଳନ କରାଯାଏ ।

ସେ ଯାହା ହେଉ, ଆମେ କଲଙ୍ଗା ନାଚ ଉପରକୁ ଆସିଲେ ଏମାନଙ୍କର ପ୍ରସିଦ୍ଧ ନାଚ ଉପରେ ଆହୁରି ସ୍ପଷ୍ଟ ହୋଇ ପାରିବା । ବାସ୍ତବରେ ପୌଷ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥାଏ କଲଙ୍ଗା ନାଚ । ପୌଷ ପୂର୍ଣ୍ଣିମାରେ ସଂପ୍ରଦାୟର ମୁଖିଆଙ୍କ ଦ୍ୱାରା ଏହି ନାଚରେ ବ୍ୟବହାର ହେଉଥିବା ଦଣ୍ଡା, ମାନ୍ଦଲ ଏବଂ ଝାଂଝ୍ ପୂଜା ହେବା ପରେ ଏହି ନାଚ ଆରମ୍ଭ ହୁଏ ବୋଲି ତାଙ୍କର ମୁଖିଆ ମାନେ ମତବ୍ୟକ୍ତ କରନ୍ତି । ଏହି ଦିନଠାରୁ ଏହି ନାଚ ବାହାରି ପ୍ରାୟ ଏକମାସ ପର୍ଯ୍ୟନ୍ତ ଚାଲିଥାଏ । ଦଣ୍ଡ ନାଚ ଭଳି ଏହି ନାଚ ନିମନ୍ତ୍ରିତ ଗାଁ ମାନଙ୍କରେ ଅନୁଷ୍ଠିତ ହୁଏ । ଯେଉଁ ଗାଁରେ ଏହି ନାଚ

ଅନୁଷ୍ଠିତ ହୁଏ, ସେହି ଗାଁରେ ଏହି ନାଚରେ ସାମିଲ୍ ଥିବା ସମସ୍ତଙ୍କୁ ନିଜର କୁ
ବଂଧୁ ଭାବରେ ବ୍ୟବହାର ପ୍ରଦର୍ଶନ କରିଥାନ୍ତି । ଏଣୁ ଏହି କଲଙ୍ଗା ନାଚ ସଂପ୍ର
ମଧ୍ୟରେ ଏକ ସୁଦୃଢ଼ ସଂପର୍କର ରଜ୍ଜୁ ଭାବରେ କାମ କରୁଥିବା କଲଙ୍ଗା ଜ
ଲୋକେ ବିଶ୍ୱାସ କରନ୍ତି । ଯେଉଁ ଗାଁରେ ଏହି ନାଚବାଲା ପହଂଚନ୍ତି, ସେହି ଗାଁ
କଲଙ୍ଗା ଦଣ୍ଡାକୁ ବରଣ କରାଯାଇଥାଏ । ତା'ପରେ ନାଚ ଆରମ୍ଭ ହୁଏ ।

ଏହି ନାଚରେ ପ୍ରାୟ ତିନିଜଣ ମାନ୍ଦ୍‌ଲିଆ ରହିଥାନ୍ତି । ଏମାନଙ୍କ ଭୂମି
ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏମାନେ ସାଧାରଣତଃ ଧୋତି ପରିଧାନ କରିବା ସଂଗେ ସଂ
ମୁଣ୍ଡରେ ପଗଡ଼ି ଏବଂ ଅଣ୍ଟାରେ ଗାମୁଛା ବାନ୍ଧିଥାନ୍ତି । ଝାଂଜ ବଜେଇବା ପାଇଁ ଜ
ଥାଏ । ସେ ମଧ୍ୟ ମାନ୍ଦଲିଆ ଭଳି ବସ୍ତ୍ର ପରିଧାନ କରେ । ଗୀତ ଗାଇବା ପାଇଁ ଜ
ଏବଂ ପାଲିଆ ଧରିବା ପାଇଁ ଜଣେ ଏହି ନାଚରେ ନିଶ୍ଚୟ ଆବଶ୍ୟକ ହୋଇଥା
ଏମାନେ ମଧ୍ୟ ସେହି ମାନ୍ଦଲିଆ ଭଳି ବେଶ ଧାରଣ କରିଥାନ୍ତି । ମାନ୍ଦଲିଆ, ଝା
ବାଦକ ତଥା ଗାୟକ ଓ ପାଳିଆ ବାଲାଙ୍କ ବ୍ୟତୀତ ପ୍ରାୟ ୧୨ ଜଣ ନାଚିବା ଲୋ
ଏଥିରେ ସାମିଲ୍ ହୋଇଥାନ୍ତି । ସମୟ ସମୟରେ ଯୋଡ଼ା ଭାବରେ ୧୪ ଜଣ, ୧
ଜଣ ମଧ୍ୟ କେଉଁ କେଉଁ ଦଳରେ ସାମିଲ୍ ହୁଅନ୍ତି । ନାଚ କରୁଥିବା ଲୋକେ ଡାହା





ହାତରେ କଲଙ୍ଗା ଦଣ୍ଡ ଏବଂ ବାମ ହାତରେ ଏକ ଦର୍ପଣ ଧାରଣ କରିଥାନ୍ତି । ପାଦରେ ଘୁଂଗୁର (ଚାପ) ବାଂଧନ୍ତି । ମୁଣ୍ଡରେ ପଗଡ଼ି, ପଗଡ଼ି ଉପରେ ମୟୂର ଚୂଳ (ଏହାକୁ କଲଙ୍ଗାମାନେ କଲଙ୍ଗୀ ବୋଲି କହିଥାନ୍ତି) । ଛାତିରେ ଛାତିପଟା (କଉଡ଼ିରେ ନିର୍ମିତ ସାଂଜୁ) । ଦୁଇ ହାତର ବାହୁରେ ବାହୁଟି ଏବଂ ମଣିବଂଧ ବାହୁଟି ବାଂଧିଥାନ୍ତି; ଯାହାକି କଉଡ଼ି ଦ୍ୱାରା ନିର୍ମିତ ହୋଇଥାଏ । ରଂଗୀନ ଧୋତି ପିନ୍ଧି ଅଣ୍ଟାରେ ଗାମୁଛା ଭିଡ଼ି ଏତେ ଚମତ୍କାର ଭାବରେ ଏମାନେ ମାନ୍ଦଲର ତାଳେ ତାଳେ ଏବଂ ଗାୟକର ଗୀତର ସୁରେ ସୁରେ ନାଚନ୍ତି ଯେ, ଦେଖଣାହାରି ମୋହାବିଷ୍ଟ ହୋଇ ଯାଉଥାଏ ।

ଏହି ଭାଷାରେ ଗାନ କରାଯାଉଥିବା ଗୀତ ଅତି ଆକର୍ଷଣୀୟ । କଲଙ୍ଗା ନାଚରେ ଲେରିଆ ଭାଷାରେ ପରିବେଷଣ ହେଉଥିବା ଏହି କଲଙ୍ଗା ଗୀତ ମୁଖ୍ୟତଃ ଇଷ୍ଟଦେବୀ ବନ୍ଦାଣ, କଲଙ୍ଗା ପରମ୍ପରା ତଥା ପ୍ରେସ ରସ ଉପରେ ଆଧାରିତ ହୋଉଥାଏ । ପ୍ରେମ ରସ ଉପରେ ଆଧାରିତ ଏକ କଲଙ୍ଗା ଗୀତ ଏଠାରେ ଉଦାହରଣ ସ୍ୱରୂପ ନିଆଯାଇପାରେ -

ମେଁ ତୋ କା ଜାନୁ ରାମା
ଜୋରୋ ବିହାର୍ କି ପ୍ରିୟାର୍ ବିନା





ନନ୍ନାନା ଗାଏ ବନ୍ନାନା ବନ୍
ସାଇଁଆ ରାଜା ଦାରାବାର୍
ଶାଶୁ ନଗାଏ ସୁପତି ଖେଲେ ବର୍
ଘରେ ବଖରା ତୋହାଁର୍



ତୋରା ବିହାର୍ କି ପ୍ରିୟାର୍ ବିନା ।।

ସ୍ୱାମୀ ରାଜ ଦରବାରରେ, ସନ୍ତାନ ନନ୍ଦନ ବନରେ, ଶାଶୁ ନିଜ ବଖରାରେ, ମୁଁ ଏଠି ଏକା ଏକା କେମିତି ବିତେଇବି ରାତି ପ୍ରିୟର ବିନା । ଉପରୋକ୍ତ ଗୀତର ଅର୍ଥ ଏଭଳି ବୋଲି କଲଙ୍ଗାମାନେ ପ୍ରକାଶ କରନ୍ତି ।

କେବଳ ଏତିକି ନୁହେଁ, କଲଙ୍ଗା ନାଚରେ କଲଙ୍ଗା ପରମ୍ପରା ସଂପର୍କରେ ମଧ୍ୟ ଗୀତ ରହିଛି । କଲଙ୍ଗା ନୃତ୍ୟରେ ଏହାକୁ ମଧ୍ୟ ବ୍ୟବହାର କରାଯାଇଥାଏ । ରାଜ ଦରବାରରେ ନିଜର ଗଡ଼ ରକ୍ଷକ କର୍ତ୍ତବ୍ୟକୁ ଏମାନେ ଭାରି ଚମତ୍କାର ଭାବରେ ପ୍ରକାଶ କରନ୍ତି କଲଙ୍ଗା ଗୀତରେ ।

ଠୁନ୍ ଠୁନ୍ ମୁନ୍ ଠୁନ୍ ବହୁ ଜନିୟାଁ
ଧୋବା ଚାଉଲ୍ ଚଢ଼ାୟେ
ସମ୍ବଲପୁର୍ କେ ବଡ଼୍ ମନ୍ତ୍ରୀ
ଭାଡ଼ିନ୍ ମେଁ ତୋପେ ଲାୟେ
ଭାଡ଼ିନ୍ ମେଁ ତୋ ତୋପ୍ ଛୁଟେ





ବାଦଲ୍ ସୁଖର୍ ରାଏଜି
ଛକୋରୀ ଭୀମା କେ ଚକ୍କର୍
ହୁକା ଛୋଡ଼୍ ପରାଜି
ଦୁମ୍‌ଦୁମ୍ ଦୁମ୍‌ଦୁମ୍ ବାଜା ବାଜେ
କାଂସ୍ ପିତଲ୍ ଝନ୍‌ରାଏଜି
ଛକୋରୀ ଭୀମାକେ ଚକ୍କର୍
ହୁକା ଛୋଡ଼୍ ପରାଜି ।।


ଏହି ନାଚ ଏବେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମହୋତ୍ସବରେ ପ୍ରଦର୍ଶି
ହୋଇ ଆସୁଛି ଏବଂ ଏହାର ଲୋକପ୍ରିୟତା ଅବଶ୍ୟ ବଢ଼ିବାରେ ଲାଗିଛି । ବୟୋଜ୍ୟେ
କଲଙ୍ଗା ସଂପ୍ରଦାୟ ବ୍ୟକ୍ତି ଲକ୍ଷ୍ମୀନାଥ ପାଣ୍ଡେ କୁହନ୍ତି, ଜାନୁଆରୀ ୨୬, ୧୯୬
ମସିହାରେ କଲଙ୍ଗା ନୃତ୍ୟ କରିବା ପାଇଁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭା



ଅଧିକାରୀଙ୍କ ଦ୍ୱାରା କଟକକୁ ଯାଇ କଲଙ୍ଗା ନୃତ୍ୟ ପରିବେଷଣ କରିଥିଲେ ଏବଂ ଉକ୍ତ ପ୍ରଶଂସିତ ମଧ୍ୟ ହୋଇଥିଲେ । ଏବେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସବ୍‌ଡ଼ିଭିଜନ୍ ଏବଂ ନୂଆପଡ଼ା ଜିଲ୍ଲାରେ ଏହି ପାରମ୍ପାରିକ ନୃତ୍ୟର ବହୁଳ ପ୍ରଚାର ପ୍ରସାର ଲୋକଲୋଚନକୁ ଆସେ । ପାଟଣାଗଡ଼ ବ୍ଲକ୍ ଅଧୀନସ୍ଥ ବରବାହାଲ, ଗଉରପାଲି, ଚାବିଙ୍ଗୁରୀ, କୁଲିଆବାହାଲ, କଲଙ୍ଗାପାଲି, ଖପ୍ରାଖୋଲ ବ୍ଲକ୍‌ର ପତରାପାଲି, ବେଲପଡ଼ା ବ୍ଲକ୍‌ର ବରହେମୁଣ୍ଡା ତଥା ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଂଚଳରେ ଏହି ନାଚ ପାରମ୍ପାରିକ ରୀତିରେ ପରିବେଷଣ ହୋଉ ଆସୁଥିବା ବିଭିନ୍ନ ସୂତ୍ରରୁ ଜଣାପଡ଼େ ।

ଏକ ଆକର୍ଷଣୀୟ ସଂସ୍କୃତି ଓ ପରମ୍ପରାକୁ ନିବିଡ଼ତାର ସହ ଜାବୁଡ଼ି ରଖିଥିବା ଏକ ଜାତି ହେଉଛି କଲଙ୍ଗା । ଏ ଜାତିର ଜନସାଧାରଣଙ୍କ ସହ କଥାବାର୍ତ୍ତା କରିବା ବେଳେ ସେମାନଙ୍କ ମୂଳସ୍ଥାନ ଅବିଭକ୍ତ ମଧ୍ୟପ୍ରଦେଶ ବୋଲି ଅନୁମାନ କରିହୁଏ । ବର୍ତ୍ତମାନର ଛତିଶଗଡ଼ର ଭାଷାରେ ସେମାନେ କଥାବାର୍ତ୍ତା କରନ୍ତି, ଦୁଃଖସୁଖ ହୁଅନ୍ତି, ଏପରିକି ତାଙ୍କ ନାଚଗୀତରେ ମଧ୍ୟ ଏହି ଭାଷା ଏବେ ବି ବେଶ୍ ସମୃଦ୍ଧ ଜଣାପଡ଼େ । ସବୁଠାରୁ ଆଶ୍ଚର୍ଯ୍ୟ ଲାଗେ, କାହିଁ କେଉଁ ଶହ ଶହ ବର୍ଷ ତଳରୁ ଏ ଜାତି








ଲାଙ୍ଗିର ଜିଲ୍ଲାର ପାଟଣାଗଡ଼ ସବ୍‌ଡ଼ିଭିଜନ୍ ଅଂଚଳରେ ବସବାସ କରି ଆସୁଥିଲେ ଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ତାଙ୍କର ଭାଷା ଭୁଲି ନାହାନ୍ତି । ବର୍ତ୍ତମାନର ପାଶ୍ଚାତ୍ୟ ଭାବ ହୁଏତ ମଣିଷର ପ୍ରତ୍ୟେକ ସ୍ତରକୁ ସ୍ପର୍ଶ କରି ସାରିଥିବା ବେଳେ ଏହି ଜାତି ଜର ପରମ୍ପରା, ସଂସ୍କୃତି ଓ ଭାଷାକୁ ଅତି ଆଦରର ସହିତ ଆବୋରି ରଖିବାରେ ମର୍ଥ ହୋଇ ପାରିଛନ୍ତି । ଅତି ବିଳାସଶୂନ୍ୟ ଜୀବନ ଜୀଇଁବାକୁ ପସନ୍ଦ କରନ୍ତି ମାନେ । ପ୍ରାକୃତିକ ଖାଦ୍ୟଦ୍ରବ୍ୟ ଏମାନଙ୍କର ଏବେ ବି ଖୁବ୍ ପ୍ରିୟ । ପାରମ୍ପାରିକ ପୋଷାକ ପରିଧାନ କରିବାକୁ ବି ସେମାନଙ୍କ ମଧ୍ୟରେ ଭରପୂର ଆଗ୍ରହ ରହିଛି । ଠିନ ପରଶ୍ରମୀ ଏହି ଜାତି ଦିନ ତମାମ୍ ନିଜ ଚାଷଜମିରେ ଖଟି ପ୍ରାୟତଃ ନିର୍ମାୟା ଜୀବନ ଅତିବାହିତ କରିବାରେ ଆନନ୍ଦ ଅନୁଭବ କରନ୍ତି । ଅନେକ ସମୟରେ ନିଜ ପରମ୍ପରା ତଥା ସଂସ୍କୃତିକୁ ବଳିଷ୍ଠ କରି ଧାରଣ କରିଥିବା "କଲଙ୍ଗା ନାଚ" କରି ଉଲ୍ଲସିତ ହୁଅନ୍ତି ଏବଂ ନିଜକୁ ଧନ୍ୟ ମଣନ୍ତି । ତାଙ୍କର ପ୍ରତ୍ୟେକ ପର୍ବପର୍ବାଣୀରେ 'କଲଙ୍ଗା ନାଚ" ପରିବେଶଣ ଅବଶ୍ୟ ନିଶ୍ଚିତ । ମାନ୍ଦଲ୍‌ର ତାଳେ ତାଳେ ଏହି ନାଚରେ ବିଭୋର୍ ହୋଇ ଉଠନ୍ତି ସେମାନେ । କୃଷି କର୍ମକୁ ନିଜର ଜୀବିକା ଭାବେ ଗ୍ରହଣ କରି ଆସିଥିବା ଏହି ଜାତି ବାସ୍ତବରେ ଖୁବ୍ କର୍ମଠ ତଥା ସାହାସୀ ମଧ୍ୟ ।



କଲଙ୍ଗା ଜାତିର ଜନ ଜୀବନ ସଂପର୍କରେ ଅନେକ ସ୍ୱତନ୍ତ୍ରତାର ଖୋ
ମିଳିଥାଏ । କଲଙ୍ଗା ଜନ ଜୀବନକୁ ଆନ୍ତରିକତାର ସହ ଲକ୍ଷ୍ୟ କରିବା ଉଦ୍ଦେଶ୍ୟ
ଆମେ କିଛି କଲଙ୍ଗା ଜାତିର ସାଧାରଣ ଜନସାଧାରଣଙ୍କ ସହ କଥାବାର୍ତ୍ତା କରିଥି
ତାହାର ଉପସ୍ଥାପନ ନିଶ୍ଚୟ ଏହି ଲେଖାକୁ ବଳିଷ୍ଠତା ପ୍ରଦାନ କରିପାରିବ । ବଲାଙ୍
ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ପତରାପାଲି ଗାଁରେ ରହୁଥିବା କଲଙ୍ଗା ନାଚ ମୁଖିଆଙ୍କ
କଥା ଏଠାରେ ଆଲୋଚନାକୁ ଅଣାଯାଉ ।

ପ୍ରଶ୍ନ : ଆପଣଙ୍କ କଲଙ୍ଗା ନାଚ ଖୁବ୍ ଚମତ୍କାର । ବର୍ଷ ବର୍ଷ ଧରି ଆପଣମା
ଏହାକୁ ବଂଚାଇ ରଖିଛନ୍ତି । ତେବେ ଏହି ନାଚରୁ ଆପଣ କିଛି ଆୟ କରନ୍ତି କି

ଉତ୍ତର : ଏହାକୁ ଆମ ଜାତିର ପାରମ୍ପାରିକ ନାଚ ହିସାବରେ ଆମେ ବଂ
ରଖିଛୁ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଆୟ ନୁହେଁ । ପୂର୍ବରୁ ତ' ଏହି ନାଚରୁ ମୋ
ଆୟ ହେଉ ନଥିଲା । ବର୍ତ୍ତମାନ ସମୟରେ କିନ୍ତୁ କିଛି କିଛି ହେଉଛି । ଏମିତି ବ
ଆମ ନାଚ ଦଳକୁ ୫୦/୬୦ ହଜାର ଟଙ୍କା ମିଳି ଯାଉଛି ବିଭିନ୍ନ ସ୍ଥାନରେ ପ୍ରଦର୍
କରିବା ଦ୍ୱାରା । ତେବେ ଏଥିରେ ନାଚ ଦଳ ପାଇଁ ଆବଶ୍ୟକ ସାମଗ୍ରୀର ଆୟୋ
ସମ୍ଭବପର ହୋଇ ପାରୁଛି ।





ପ୍ରଶ୍ନ : କଲଙ୍ଗା ନାଚ ପାଇଁ ବହୁତ ମେହେନତ ଦରକାର ଭଳି ଅନୁଭବ ହେଉଛି । ତବେ ଆପଣମାନେ କେତେ ସମୟ ଏହି ନାଚକୁ ଅଭ୍ୟାସ କରିବାରେ ପ୍ରତ୍ୟହ ବ୍ୟୟ କରନ୍ତି ?

ଉତ୍ତର : ଆମେ ଆମର ଦୈନନ୍ଦିନ କାମ ପରେ ସଂଧ୍ୟା ସମୟରେ ପ୍ରତ୍ୟହ ଦୁଇ ଘଣ୍ଟା ସମୟ ଦେଉ । ପ୍ରତିଦିନ ଅଂଧାର ମାଡ଼ି ଆସୁଥିବା ବେଳେ ଏଠି ମାନ୍ଦଲ୍ ବାଜେ । କଲଙ୍ଗା ନାଚରେ ଉଛୁଳି ଉଠେ ଗାଁ ।

ପ୍ରଶ୍ନ : ଆପଣଙ୍କ ଏହି କଲଙ୍ଗା ନାଚକୁ ବଂଚାଇ ରଖିବା ପାଇଁ ଆପଣଙ୍କ ପରିବାରର ସହଯୋଗ କିଭଳି ?

ଉତ୍ତର : ପରିବାରର ସହଯୋଗ ତ' ନିଶ୍ଚୟ ଅଛି । ନହେଲେ ଏହି ନାଚକୁ ବଂଚାଇ ରଖିବା ସମ୍ଭବପର ହୋଇ ପାରନ୍ତା ନାହିଁ । ପରିବାର ସଦସ୍ୟମାନେ ଆମର ଜାତିର ପାରମ୍ପାରିକ ଏହି ନାଚକୁ ଦୀର୍ଘଜୀବୀ କରିବା କ୍ଷେତ୍ରରେ ନିହାତି ବିଶେଷ ଅବଦାନ ପ୍ରଦାନ କରନ୍ତି । ଏପରିକି ନାଚ ସମୟରେ ବ୍ୟବହାର ହେଉଥିବା ପରିଧାନର ଉଚିତ ଯତ୍ନ ତଥା ଉଚିତ୍ ରକ୍ଷଣାବେକ୍ଷଣ ଦିଗରେ ମଧ୍ୟ ସେମାନେ ବିଶେଷ ଉତ୍ସାହ ପ୍ରକାଶ କରନ୍ତି ।





ପ୍ରଶ୍ନ : ଏହି ନାଚ ପରିବେଷଣ କଲା ବେଳେ ଆପଣଙ୍କ ଅନୁଭବ ସଂପର୍କରେ
କୁହନ୍ତୁ ।

ଉତ୍ତର : କଲଙ୍ଗା ନାଚ ପରିବେଷଣ କଲା ସମୟରେ ନର୍ତ୍ତକ ଏକ ଭିନ୍ନ ଶା
ଭାବର ଅନୁଭବ କରେ । ମାତାଲ୍ ହୋଇଯାଏ । ଆମ ଜାତିର ଇଷ୍ଟ ଦେବ ଠା
ଦେଓଙ୍କ ପ୍ରତି ଗଭୀର ଭକ୍ତି ତା ଭିତରେ ଜାଗ୍ରତ ହୁଏ । ମା' କଲଙ୍ଗେନ୍‌ଙ୍କଠା
କୃତଜ୍ଞ ବି ହୁଏ ।

ପ୍ରଶ୍ନ : ଆପଣଙ୍କ ପରବର୍ତ୍ତୀ ପିଢ଼ି କ'ଣ ଏହି ନାଚକୁ ବଂଚାଇ ରଖିବାକୁ ଚେ
କରିବେ ବୋଲି ଆପଣ ବିଶ୍ୱାସ କରନ୍ତି ?

ଉତ୍ତର : ନିଶ୍ଚୟ । ମୋ' ପୁଅମାନେ ଏଥିରେ ମାତିଛନ୍ତି । ମୋ' ନାତିମାନେ ବି
ନାଚକୁ ଆସିବେ । ଏହାକୁ ବଂଚାଇ ରଖିବା ପାଇଁ ମୋର ଉତ୍ତରାଧିକାରୀମାନ
ମଧ୍ୟରେ ବି ବିଶେଷ ଉତ୍ସାହ ନିଶ୍ଚୟ ରହିବ । ଏଇଥି ପାଇଁ ଯେ, ଏହା ଆମ ଜାତି
ପାରମ୍ପାରିକ ନାଚ । ଏହାର ରକ୍ଷା ହିଁ ଆମର ରକ୍ଷା କବଚ ।

ପ୍ରଶ୍ନ : ଆପଣଙ୍କ କଲଙ୍ଗା ନାଚକୁ ବଂଚାଇ ରଖିବା ପାଇଁ ସରକାରଙ୍କଠାରୁ କି
ଅନୁଦାନ ପାଉଛନ୍ତି କି ?



ଉତ୍ତର : ଆମେ କଲଙ୍ଗା କଳାକାରମାନେ କଳାକାର ଭତ୍ତା ପାଉଛୁ । ମାସକୁ ହଜାରେ
ଙ୍କା ଲେଖାଏଁ । କିନ୍ତୁ ସରକାରଙ୍କ ଆହୁରି କିଛି ଅଧିକ ଅନୁଦାନ ମିଳି ପାରିଲେ,
ରମ୍ପରା ସଂପନ୍ନ ଆମର କଲଙ୍ଗା ନାଚ ଆହୁରି ବିଶେଷ ଖ୍ୟାତି ଅର୍ଜନ କରି ପାରିବ,
ଥିରେ ସଂଦେହ ନାହିଁ । ଆମକୁ ଯଦି କେନ୍ଦ୍ର ସରକାର କିଛି ଅନୁଦାନ ପ୍ରଦାନ
ରିବାର ବ୍ୟବସ୍ଥା କରନ୍ତେ, ତେବେ ଏ ଜାତିର ଏହି ମହାନ୍ ପରମ୍ପରା ଆହୁରି
ଦୃଢ଼ ହୋଇ ପାରନ୍ତା । ସରକାରଙ୍କ ସ୍ତରରେ ଏହି ନାଚକୁ ବଳିଷ୍ଠ କରିବା ପାଇଁ
ଚିତ ପଦକ୍ଷେପ ତଥା ତଦାରଖର ମଧ୍ୟ ବିଶେଷ ଆବଶ୍ୟକତା ରହିଛି ।

ପ୍ରଶ୍ନ : ପରମ୍ପରା ଅନୁସାରେ ମୁଖ୍ୟ ଦେବଦେବୀ ଭାବେ କେଉଁ ଦେବଦେବୀଙ୍କୁ
ଆପଣ ଗ୍ରହଣ କରନ୍ତି ?

ଉତ୍ତର : ଆମର ଇଷ୍ଟ ଦେବତା ଠାକୁର ଦେଓ ଏବଂ ଗ୍ରାମଦେବୀ କଲଙ୍ଗେନ୍ । ଆମେ
ନାଚ ଆରମ୍ଭରୁ ଏମାନଙ୍କୁ ସୁମରଣା କରି ନାଚ ଆରମ୍ଭ କରୁଁ । ନାଚରେ ପରିବେଷଣ
ହେଉଥିବା ଗୀତରେ ଏମାନଙ୍କ ବନ୍ଦଣା ବି ସାମିଲ୍ ହୋଇଥାଏ ।

ପ୍ରଶ୍ନ : କଲଙ୍ଗା ନାଚରେ ପରିବେଷଣ ହେଉଥିବା ଗୀତ କେଉଁ ଭାଷାର ?

ଉତ୍ତର : ଛତିଶଗଡ଼ି ଭାଷାରେ.... ଲରିଆ ଭାଷା ବୋଲି ଏହି ଭାଷାକୁ କୁହାଯାଏ ।

ପ୍ରଶ୍ନ : ଆପଣଙ୍କ ନାଚରେ ପରିବେଷିତ ହେଉଥିବା କେଉଁ ଭଳି ଗୀତ ଆପଣଙ୍କୁ
ବେଶୀ ଭଲ ଲାଗେ ?

ଉତ୍ତର : ଆମ ନାଚରେ ରୋମାଣ୍ଟିକ୍ ଗୀତଗୁଡ଼ିକ ପରିବେଷଣ ହୁଏ; ଯାହା ମନମୋହୀ
ଦେବାର ସାମର୍ଥ୍ୟ ରଖିଛି । ପୁଣି ଝୁମେର୍ ଗୀତରେ ଦର୍ଶକ ବିମୋହିତ ହୋଇ ଯାଆନ୍ତି ।

ପ୍ରଶ୍ନ : କଲଙ୍ଗା ନାଚର ଧାରା କେମିତି ବୋଲି ଆପଣ କହିବେ ?

ଉତ୍ତର : କଲଙ୍ଗା ନାଚ ଆରମ୍ଭରେ ଆମେ ଆମର ଇଷ୍ଟ ଦେବତାଙ୍କୁ ପ୍ରଥମରେ
ବନ୍ଦନା କରୁ । ତାପରେ ଗୁରୁଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥାଉଁ । ତାପରେ ବିଷୟବସ୍ତୁ
ଉପରକୁ ଆସୁଁ । ବିଷୟବସ୍ତୁ ଭିତରେ ବିଭିନ୍ନ ପ୍ରକାର ବିଷୟ ରହିଛି; ଯାହା ଭିନ୍ନ ଭିନ୍ନ
ସମୟରେ ଭିନ୍ନ ଭିନ୍ନ ଅଙ୍ଗଭଂଗୀ ସହକାରେ ପ୍ରଦର୍ଶିତ ହୁଏ ।

ପ୍ରଶ୍ନ : ଆପଣଙ୍କ ମୁଖ୍ୟ ପର୍ବ କ'ଣ ?

ଉତ୍ତର : ମାଡ଼େନ୍ ଯାତ୍ରାକୁ ଆମର ମୁଖ୍ୟ ପର୍ବ ଭାବେ ଆମେ ଗ୍ରହଣ କରୁ । ଏଥିରେ
ଗ୍ରାମଦେବୀ କଲଙ୍ଗେନ୍‌ଙ୍କୁ ପୂଜା କରିବା ସ୍‌ହ ଇଷ୍ଟ ଦେବତା ଠାକୁର ଦେଓଙ୍କୁ ଆମେ
ପୂଜା କରୁଁ ।



ପ୍ରଶ୍ନ : ଆପଣ ସାଧାରଣ ଜୀବନ ଯାପନ କରନ୍ତି ଭଳି ଅନୁଭବ ହୁଏ । ଆପଣ
ମୁଖ୍ୟ ଜୀବିକା କୃଷି ବୋଲି ବି ଆପଣ ସ୍ୱୀକାର କରିଛନ୍ତି । ତେବେ ଆପଣ ପ୍ରତ
ଖାଦ୍ୟ ଭାବରେ କ'ଣ କ'ଣ ଗ୍ରହଣ କରନ୍ତି ?

ଉତ୍ତର : ସକାଳୁ ଆମେ ବାସି ପଖାଳୁ ଖାଉଁ । ଦୁଇ ପହର ବେଳା ଗରମ ଭାତ ଆ



ରାତିରେ ବି ଭାତ । ଏହା ହିଁ ଆମର ନିତି ଦିନିଆ ଖାଦ୍ୟ । ବର୍ଷା ଦିନରେ ଆମେ ମକା ଭଜା କିମ୍ବା ମହୁଲ ଭଜା ଖାଇବାକୁ ପସନ୍ଦ କରୁ । ପର୍ବପର୍ବାଣୀ ସମୟରେ ଆମର ଦେ'ଦେବତାଙ୍କଠାରେ ମଦ ଡିର୍‌ପା ଦିଆଯିବା ପରେ ଆମେ ବି ପ୍ରସାଦ ଭାବେ ଗ୍ରହଣ କରୁ ।

ପ୍ରଶ୍ନ : ଆପଣ ବନ୍ଧୁବାନ୍ଧବ ଘରକୁ ଆସିଲେ କିଭଳି ଚର୍ଚ୍ଚା କରନ୍ତି ?

ଉତ୍ତର : ଆମେ ଆଦିବାସୀ ଲୋକ । ଆମର ପରମ୍ପରା ସେହି ପୁରୁଣାକାଳିଆ ।



ମହୁଲି, ଆଉ କୁକୁଡ଼ା... ଯାହାର ଯେମିତି ସଉକ, ସେଥିରେ ଆମେ ବନ୍ଧୁବାନ୍ଧ ଚର୍ଚ୍ଚା କରୁ । ଆମେ ଗରିବ ହେଲେ ବି ବନ୍ଧୁ ଚର୍ଚ୍ଚାରେ ଆମେ ଜମା କୁଣ୍ଠିତ ନେ


ପ୍ରଶ୍ନ : ଆପଣଙ୍କ ଯାତ୍ରା, ପର୍ବପର୍ବାଣୀରେ ବଳି ଦିଅନ୍ତି ?

ଉତ୍ତର : ଠାକୁର ଦେଓଙ୍କଠାରେ ବଳି ପଡ଼େ ନାହିଁ । କଲଙ୍ଗେନ୍ ଆଉ ଘଁସି ଦେବୀଙ୍କଠାରେ ବଳି ଦିଆଯାଏ । କଲଙ୍ଗେନ୍ ଦେବୀଙ୍କୁ ବୋଦା, ଗଂଜା କୁ ଆଦି ବଳି ଦିଆଯାଉଥିବା ବେଳେ ଘଁସିଏନ୍‌ଙ୍କଠାରେ ପୋଢ଼ ବଳି ପଡ଼େ ।


ପ୍ରଶ୍ନ : ଆପଣଙ୍କ ପୂଜାପାଠ ସଂପର୍କରେ କିଛି କୁହନ୍ତୁ ।

ଉତ୍ତର : ଆମେ ନୂଆଁଖାଇ ପାଳନ କରୁଁ ବଡ଼ ଧୁମ୍‌ଧାମ୍‌ରେ । ଏହାପରେ ଷୋ ଦିନ ଧରି ପୂଜା ହୁଏ ଦଶହରା ସମୟରେ । ପୁଓ ଜିଉନ୍ତିଆ ଠାରୁ ଭାଇ ଜୁଉନ୍ତିଆ ପର୍ଯ୍ୟନ୍ତ ଏହା ପାଳିତ ହେଉଥିବା ବେଳେ ଭାଇ ଜିଉନ୍ତିଆ ତିଥିରେ ଆମେ ପାଟଖ ପୂଜା ଦେଉଁ । ଏହା ଦୀପାବଳି ସମୟରେ ମଧ୍ୟ ଆମେ ପର୍ବ ପାଳୁଁ । ପୌଷ ପୂ ପାଳନ ମଧ୍ୟ ଆମର ପର୍ବପର୍ବାଣୀର ଏକ ବିଶେଷ ଅଂଶ ।

ଏହି କଥାବାର୍ତ୍ତାରୁ ଖୁବ୍ ସ୍ପଷ୍ଟ ଯେ, କଲଙ୍ଗାମାନେ ଅତି ସାଧାରଣ ଓ ନିରାଡ଼ମ୍ବର ଜୀବନ ଯାପନ କରନ୍ତି । ବନ୍ଧୁ ଚର୍ଚ୍ଚାରେ ସେମାନଙ୍କ ରୁଚି ବେଶ୍ ଅଧି ତାଙ୍କର ମୁଖ୍ୟ ଜୀବିକା ହେଉଛି ଚାଷ କାର୍ଯ୍ୟ । ସେମାନଙ୍କ ପାରମ୍ପାରିକ ନାଚ ହେ





କଲଙ୍ଗା ନାଚ ଏବଂ ଏହି ନାଚକୁ ବଂଚାଇ ରଖିବା ପାଇଁ ସେମାନଙ୍କ ମଧ୍ୟରେ ଅ
ଇଚ୍ଛାଶକ୍ତି ଗଚ୍ଛିତ ହୋଇ ରହିଛି ।

କଲଙ୍ଗା ଜାତିର ତଥା ସଂପୃକ୍ତ ପତରାପାଲି ଗାଁର ଅନ୍ୟ ଜଣେ ବ୍ୟକ୍ତି (କ
ନାଚର ଗୁରୁ)ଙ୍କ ସହ କଥାବାର୍ତ୍ତା ହେଲେ, ଆହୁରି ବିଷୟବସ୍ତୁ ସ୍ପଷ୍ଟ ହେବ ନି

ପ୍ରଶ୍ନ : ଆପଣଙ୍କ ବୟସ ବୋଧେ ସତୁରୀ ଉପରେ । ଏବେ ବି ଆପଣ ଆପ
ପରମ୍ପରା ରକ୍ଷା ପାଇଁ ଆଗ୍ରହୀ ?

ଉତ୍ତର : ହଁ । ମୁଁ ସବୁବେଳେ ଆଗ୍ରହୀ । ମୁଁ ମାନ୍ଦଲିଆ, ଗାହାକ ବି । କଲଙ୍ଗା ନା
ଗୁରୁ ଭାବରେ ମତେ ଜାଣନ୍ତି । ଏବେ ବି ଦୁଇଟି ଗାଁର ଲୋକେ କଲଙ୍ଗା
ଶିଖାଇବା ପାଇଁ ମତେ ଅନୁରୋଧ କରୁଛନ୍ତି । ସେମାନଙ୍କୁ ଶିଖେଇବାକୁ ମୁଁ
ଆଗ୍ରହୀ ।

ପ୍ରଶ୍ନ : ଏହି ଶିକ୍ଷା ଦେବାରେ କିଛି ଦେୟ ପାଆନ୍ତି ?

ଉତ୍ତର : ନାଁ । ନିଜର ହାତରୁ ଖାଇ ପିଇ ନିଜର ପରମ୍ପରା ରକ୍ଷା କରିବା ଦୃଷ୍ଟି
ନାଚ ଶିଖାଏଁ ।

ପ୍ରଶ୍ନ : କଲଙ୍ଗା ନାଚରେ ମୁଖ୍ୟ ଭୂମିକା କାହାର ?

ଉତ୍ତର : ମାନ୍ଦଲିଆ ହିଁ ମୁଖ୍ୟ ବୋଲି କୁହାଯାଇପାରେ । କିନ୍ତୁ ଗାହାକ ଆଉ ପା
ବାଲାର ଭୂମିକା ବି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମିତି ଦେଖିବାକୁ ଗଲେ ପୁରା
ଦଳର ପ୍ରଦର୍ଶନ ଉପରେ ନାଚର ସଫଳତା ନିର୍ଭର କରେ ।

ପ୍ରଶ୍ନ : କଲଙ୍ଗା ନାଚ ପାଇଁ କେତେଜଣ କଳାକାର ଦରକାର ?

ଉତ୍ତର : ଅତିକମ୍‌ରେ ଦଶ ଜଣ ଏବଂ ଅତି ବେଶୀ ହେଲେ କୋଡ଼ିଏ ଜଣ ।

ପ୍ରଶ୍ନ : ଏହି ନାଚରେ ମହିଳାମାନଙ୍କ ଭୂମିକା ?

ଉତ୍ତର : ବିଶେଷ ଭାବରେ ନାହିଁ । ମହିଳାମାନେ କେବଳ ଦୀପାବଳି ପର୍ବ ସମୟ
ମାନ୍ଦଲ୍‌ର ତାଳେ ତାଳେ ନାଚନ୍ତି । ବାକି ସମୟରେ ପୁରୁଷମାନେ ହିଁ ନୃତ୍ୟ ପରିବେ
କରନ୍ତି ।

ପ୍ରଶ୍ନ : ଆପଣଙ୍କ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ ପାଇଁ ପଦକ୍ଷେପ ନେଉଛନ୍ତି ?

ଉତ୍ତର : ହଁ । ମୋର ପୁଅ ସପ୍ତମ ଶ୍ରେଣୀ ଯାଏଁ ପଢ଼ିଛି ଆଉ ଚାଷ କାମରେ ଲାଗିଛି
ମୋର ଝିଅ ଯୁକ୍ତ ଦୁଇ ଯାଏଁ ପାଠ ପଢ଼ିଛି ।

ପ୍ରଶ୍ନ : ଉଚ୍ଚ ଶିକ୍ଷା ପାଇଥିବା ପିଲାମାନେ ଆପଣଙ୍କ ନାଚରେ ସାମିଲ୍ ହେବା



ାହୁଁଛନ୍ତି ?

ଉତ୍ତର : ବହୁତ ଆଗ୍ରହର ସହିତ ସାମିଲ୍ ହୁଅନ୍ତି ସମସ୍ତେ । ଆମ ଜାତିର ପରମ୍ପରା
ରକ୍ଷା କରିବା ଦିଗରେ ସମସ୍ତଙ୍କର ଅଗାଧ ଆଗ୍ରହ ରହିଛି । ଆଗାମୀ ସମୟରେ ମଧ୍ୟ
ଏହି ଆଗ୍ରହ ନିଶ୍ଚୟ ବଳବତ୍ତର ରହିବ ବୋଲି ମୋର ବିଶ୍ୱାସ ।

ପ୍ରଶ୍ନ : ଆପଣଙ୍କ ପୂର୍ବପୁରୁଷଙ୍କ ଭାଷା ଲେରିଆ ବୋଲି ଆପଣ ସ୍ୱୀକାର କରନ୍ତି । ଏହି
ଭାଷା ଏବେ ଆପଣ ବ୍ୟବହାର କରନ୍ତି ?

ଉତ୍ତର : ହଁ ଆମେ ବ୍ୟବହାର କରୁଁ ଘରେ କଥାବାର୍ତ୍ତା ହେବାବେଳେ ସମୟ ସମୟରେ ।
ଏହା ବାଦ୍ ଆମେ ଲରିଆ ଭାଷା ଠିକ୍ ଭାବରେ ବୁଝି ପାରୁଁ ।

ଏହି କଥାବାର୍ତ୍ତାରୁ ଏହା ନିଶ୍ଚୟ ସୁସ୍ପଷ୍ଟ ଯେ, କଲଙ୍ଗା ଜାତି ଏକ ନିର୍ମାୟା
ଜାତି । ନିଜର ପାରମ୍ପାରିକ କଳା ପାଇଁ ସେମାନେ ସର୍ବଦା ସମର୍ପିତ । ନିଜ ଜାତିର
ଭାଷା (ଲରିଆ ଭାଷା)ର ସୁରକ୍ଷା ପାଇଁ ସେମାନେ ଯେତିକି ଆଗ୍ରହୀ, ସେତିକି ନିଜ
ଜାତିର ପରମ୍ପରାକୁ ବଜାୟ ରଖିବା ପାଇଁ ଯତ୍ନବାନ୍ ।

ଅନ୍ୟ ଜଣେ କଲଙ୍ଗା ଜାତିର ବରିଷ୍ଠ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା କଲେ
ଆମେ ଆହୁରି ପାଖରୁ ଅନୁମାନ କରି ପାରିବା ଏହି ଜାତିର ବଳିଷ୍ଠ ପରମ୍ପରାକୁ
ନିହାତି ।



ପ୍ରଶ୍ନ : ଆପଣଙ୍କ ମୁଖ୍ୟ ଜୀବିକା କ'ଣ ?
ଉତ୍ତର : କୃଷି ହିଁ ଆମର ମୁଖ୍ୟ ଜୀବିକା ।
ପ୍ରଶ୍ନ : କୃଷିରୁ ଉପାର୍ଜିତ ଅର୍ଥରେ ପରିବାର ପ୍ରତିପୋଷଣ ସମ୍ଭବ ହୋଇ ପାରୁ
ଉତ୍ତର : ଆମର ଜୀବନ ଯାପନ ଶୈଳୀ ଏକ୍‌ଦମ୍ ନିରାଡ଼ମ୍ବର । ଆମର ଖର୍ଚ୍ଚ





ାହିଁ । କୃଷି କ୍ଷେତ୍ରରୁ ଉତ୍ପାଦିତ ଫସଲ ହିଁ ଆମର ଜୀବନର ମୂଳ ଆଧାର । ଯଦିବି
ଷିରୁ ଉପାର୍ଜିତ ଅର୍ଥରେ ପରିବାର ପ୍ରତିପୋଷଣ ସଂପୂର୍ଣ୍ଣ ସମ୍ଭବପର ହୋଇ ପାରେ
ାହିଁ, ତଥାପି ସେଥିରେ ଯଥାକଥା ଭାବେ ଆମେ ଚଳି ଯାଉଁ । ଆମେ ଆଦିବାସୀ
ଲୋକ । ଆମର ଜଂଗଲ ଜାତ ଦ୍ରବ୍ୟ ଓ କୃଷି ଜାତ ଦ୍ରବ୍ୟ ହିଁ ମୁଖ୍ୟ । ସକାଳେ ଆମେ
କୌଣସି ଜଳଖିଆ ନ କରି ବାସି ପଖାଳ ଖାଉଁ । କାଁ ଭାଁ କେବେ କେମିତି କୁକୁଡ଼ା,
ଛେଳି ମାଂସ ବି ହୁଏ । ପର୍ବ ପର୍ବାଣୀ ଯାତ୍ରା ବେଳେ ଟିକେ ଅଧେ ପୁରୁଷ ପିଲାମାନେ
ଦ' ଦେବତାଙ୍କ ପ୍ରସାଦ ଭାବରେ ମହୁଲି ପିଉଁ । ମାଦଳର ସୁର ଆମ ପାଇଁ ଜୀବନ
ଏ । ତଥାପି ଆଜିର ସମୟ ସହ ତାଳ ମିଳାଇ ଅର୍ଥ ଅଭାବରୁ ଆମ ପିଲାମାନେ
ଗଲି ପାରୁ ନାହାନ୍ତି । କାଁ ଭାଁ କିଏ କେମିତି ଟିକିଏ ଉପରକୁ ଯାଇଛି । ନଚେତ୍ କୃଷି
ାର୍ଯ୍ୟ ହିଁ ଆମର ମୁଖ୍ୟ ଜୀବନ, ଜୀବିକା । ଯେହେତୁ ପରମ୍ପରା ପ୍ରିୟ ଆମର ଜାତି
ମାଜ, ତେଣୁ ସେହି ପରମ୍ପରାକୁ ବଜାୟ ରଖିବାରେ ଭରପୂର ଆନନ୍ଦ ପାଉଁ ଓ ଜୀଉଁ
ହିଲେ କିଛି ଅତ୍ୟୁକ୍ତି ହେବନାହିଁ ।
ପ୍ରଶ୍ନ : କଲଙ୍ଗା ନାଚ କଲା ବେଳେ କେମିତି ଲାଗେ ?
ଉତ୍ତର : ଅପୂର୍ବ ଆନନ୍ଦ ମିଳେ । ଭିନ୍ନ ଏକ ସୁଆଦ । କଲଙ୍ଗେନ୍ ମା'ର ଆଶୀର୍ବାଦ
ନଥିଲେ କଲଙ୍ଗା ନାଚ କରିବାର ସୌଭାଗ୍ୟ ମିଳେ ନାହିଁ । ଠାକୁର୍ ଦେଓ ପ୍ରସନ୍ନ ନ
ହେଲେ କଲଙ୍ଗା ନାଚ ପ୍ରଦର୍ଶିତ କରିବା ନିଶ୍ଚିତ ଭାବରେ ଅସମ୍ଭବ ବୋଲି ଆମେ
ବିଶ୍ୱାସ କରୁଁ ।
ପ୍ରଶ୍ନ : ଆପଣଙ୍କ ଗାଁ ସାରା ଆପଣଙ୍କ ଜାତିର ଲୋକ ରୁହନ୍ତି ?
ଉତ୍ତର : ଅଧିକାଂଶ ଆମ କଲଙ୍ଗା ପରିବାର ହିଁ ଅଛନ୍ତି । ସମସ୍ତଙ୍କ ଭିତରେ ଉତ୍ତମ
ବୁଝାମଣା । ଦୁଃଖସୁଖରେ ସମସ୍ତେ ସମସ୍ତଙ୍କ ପାଇଁ ଠିଆ ହୁଅନ୍ତି । ସମସ୍ତେ ମିଳିମିଶି
ପର୍ବପର୍ବାଣୀ ପାଳନ କରୁଁ । ଆନନ୍ଦ ପାଉଁ ।
ପ୍ରଶ୍ନ : ଆପଣଙ୍କ ମଧ୍ୟରେ ମତାନ୍ତର ହୁଏନାହିଁ ?
ଉତ୍ତର : ହୁଏ ଯେ'... ସେମିତି । ବିଶେଷ ନୁହେଁ । କିଛି ସମୟ ପାଇଁ ଟିକିଏ ଅଧେ
ରୁହେ । ପୁଣି ଆମେ ଆପେ ଆପେ ମିଶି ଯାଉଁ ପୂଜା ପାର୍ବଣ ବେଳେ । ତକାହକା
ଭିତରେ ଆମ ଭିତରେ ଥିବା ମତାନ୍ତର ମେଣ୍ଟି ଯାଏ । ସମସ୍ତେ ମିଳିମିଶି ସବୁବେଳେ
ରହିବାକୁ ଚେଷ୍ଟା କରୁଁ ଓ ଆମ ଜାତିର ଏହା ଏକ ବିଶେଷତ୍ୱ ବୋଲି ଆପଣମାନେ
କହିପାରିବେ ।

ପ୍ରଶ୍ନ : ଆପଣଙ୍କ ଜୀବନରେ କିଛି ଦୁଃଖ ଅଛି ?

ଉତ୍ତର : ନାହିଁ । ଆମର ମାଥେବର ହେବାର ସ୍ୱପ୍ନ ନାହିଁ । ବଡ଼ଲୋକ ହେବାର ଭିତରେ ଆଗ୍ରହ ନାହିଁ । ଆମେ ଯେତିକି ମା' ମାଟି ଠୁ, ଜଙ୍ଗଲ ଦେବତାଠୁ ସେତିକି ସନ୍ତୁଷ୍ଟ । ହଁ, କେତେବେଳେ କେମିତି ଦୁଃଖ ଲାଗେ ପାରିବାରିକ ଅସୁବିଧାକୁ ନେଇ । କିନ୍ତୁ ତାହା ବେଶୀ ସମୟ ରୁହେ ନାହିଁ । ଉଭେଇ ଯାଏ । କଲଙ୍ଗା ନାଚରେ ଭାଗ ନେଲେ କୌଣସି ଦୁଃଖ ରହେନାହିଁ ।





ପ୍ରଶ୍ନ : ବାହାଘର କେମିତି ହୁଏ ଆପଣଙ୍କ ସମାଜରେ ?

ଉତ୍ତର : ଆମ କଲଙ୍ଗା ଜାତି ଭିତରେ ହିଁ ବାହାଘର ଅନୁଷ୍ଠିତ ହୁଏ । ଆମ ଜାତି ସମାଜ ଭିତରେ ବୈବାହିକ ସଂପର୍କ ସ୍ଥାପନ ହୁଏ ।

ପ୍ରଶ୍ନ : କଲଙ୍ଗା ନାଚ ଉପରେ ଆପଣଙ୍କ ସ୍ୱତନ୍ତ୍ର ମତ କ'ଣ ?

ଉତ୍ତର : ଏହାର ମହିମା ଅନେକ । ଯିଏ ପାଇଛି, ସିଏ ହିଁ ଜାଣିଛି । ଆମ ଭଳି ଗରିବ ଶ୍ରେଣୀର ଜନସାଧାରଣ କଲଙ୍ଗା ନାଚକୁ ନେଇ ହିଁ ବଂଚିଛୁ । ଏହା ହିଁ ଆମର ମୁଖ୍ୟ ପରିଚୟ । ଏହି ନାଚ ମାଧ୍ୟମରେ ଆମେ ଆମର ଇଷ୍ଟ ଦେବତା, ଗ୍ରାମ ଦେବୀଙ୍କୁ ପୂଜା କରୁ । ନାଚ ବି ଆମର ଆରାଧ୍ୟ । ନାଚ ମାଧ୍ୟମରେ ଆମେ ଆମର ଠାକୁରଙ୍କୁ ତାକୁ । ହାରି ଗୁହାରୀ କରୁ । ଆଶୀର୍ବାଦ ବି ପାଉ । ଏଥିରୁ ଆମେ ଖୁସି ପାଉଁଚୁ ଏବଂ ଆନନ୍ଦିତ ହେଉ । ଆମକୁ ଅନ୍ୟମାନଙ୍କଠାରେ ପରିଚୟ ବି କରାଇଛି ଆମର ଏହି ପାରମ୍ପାରିକ ନାଚ 'କଲଙ୍ଗା ନାଚ' । ଏହାର ବେଶ, ଅଳଙ୍କାର ଦେଖିଲେ, ଆପଣମାନେ ଆମ ଜାତିର ବିଭିନ୍ନ ଦିଗ ସଂପର୍କରେ ଅବଶ୍ୟ ଜାଣି ପାରିବେ ଏବଂ ଆମେ କିଭଳି ଏକ ସ୍ୱାଭିମାନୀ ଜାତି, ସେ ସଂପର୍କରେ ମଧ୍ୟ କିଛି ଆଭାସ ନିଶ୍ଚୟ ପାଇ ପାରିବେ ।

ପ୍ରଶ୍ନ : ଆପଣଙ୍କ ଏହି ନାଚର ଆହୁରି ଉନ୍ନତି ପାଇଁ କ'ଣ ଲୋଡ଼ା ବୋଲି ଆପଣ ଚିନ୍ତା କରନ୍ତି ?

ଉତ୍ତର : ଏହି ନାଚ ପ୍ରତି ସରକାରଙ୍କ ସହଯୋଗ, ସହାନୁଭୂତି ଏବଂ ଉଦାରତାର ଲୋଡ଼ା ଅଛି । ଏଥିପ୍ରତି ସରକାର ସଚେତନ ହେବା ଉଚିତ । କେବଳ କଳାକାର ଭତ୍ତା ଦେଇ ଦେଲେ ସରକାରଙ୍କ ଦାୟିତ୍ୱ ସମାପ୍ତ ହୋଇନାହିଁ । ଏହି କଳାକୁ ବଂଚାଇ ରଖିବା ପାଇଁ ଉଚିତ ଉଦ୍ୟମ ହେବା ନିହାତି ଦରକାର । କଳାକାରମାନେ କିଭଳି ଆହୁରି କିଛି ଅନୁଦାନ ପାଇ ସେମାନଙ୍କ ପରିବାରର ପ୍ରତିପୋଷଣ ପାଇଁ ସକ୍ଷମ ହେବେ ଓ ସହଜ ସରଳ ଜୀବନ ଯାପନ କରିପାରିବେ, ସେଥିପ୍ରତି ମଧ୍ୟ ସରକାର ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

ପ୍ରଶ୍ନ : ଆପଣମାନେ ସବୁବେଳେ କହୁଛନ୍ତି ଆପଣ ଆଦିବାସୀ ବୋଲି । ଆପଣଙ୍କ ଜାତି ତ' ଓଡ଼ିଶାରେ ଓବିସି. ତାଲିକାଭୁକ୍ତ । ଏଥିପ୍ରତି ଆପଣଙ୍କ ମନ୍ତବ୍ୟ କ'ଣ ?

ଉତ୍ତର ; ବାସ୍ତବରେ ଏହା ସତ । ଆମର ପୂର୍ବ ପୁରୁଷ ଛତିଶଗଡ଼ ଅଂଚଳରେ ବସବାସ କରୁଥିବା ବେଳେ ସେଠାରେ ଆମର ବଂଶର ଭାଇମାନେ ସବୁ ଆଦିବାସୀ ବୋଲି

ଆଖ୍ୟା ପାଇଥିଲେ ସୁଦ୍ଧା ଆମେ ଓଡ଼ିଶା ରାଜ୍ୟରେ ଓବିସି. ତାଲିକାଭୁକ୍ତ ହୋ
ଏଥିପାଇଁ ସରକାରଙ୍କ ଦ୍ୱାରସ୍ଥ ହୋଇ ସୁଦ୍ଧା ଆମେ କିଛି ଫଳ ପାଇନାହୁଁ । ଏ
ପ୍ରକୃତରେ ଆଦିବାସୀ ସଂପ୍ରଦାୟର ଗୋଟିଏ ଜାତି । ଆମେ ହୁଏତ ଏହି ସଂପ୍ରଦା
ସାମିଲ୍ ବୋଲି ସରକାର ସ୍ୱୀକୃତି ପ୍ରଦାନ କରିଥିଲେ, ଆମ ପିଲାମାନେ ମଧ୍ୟ ବି
ଉନ୍ନତି କରିଥାନ୍ତେ ଓ ଶିକ୍ଷା ଏବଂ ଚାକିରୀ କ୍ଷେତ୍ରରେ ଆଗୁଆ ଥାଆନ୍ତେ । ଏ
ଆମେ ଅଳ୍ପ ସଂଖ୍ୟାରେ ଏହି ଅଂଚଳରେ ବସବାସ କରୁଥିବା ଯୋଗୁଁ ଆମର
ସରକାରଙ୍କ ପର୍ଯ୍ୟନ୍ତ ଠିକ୍ ଭାବରେ ପହଂଚି ପାରୁନାହିଁ । ଫଳରେ ଆମେ ବି
ଅବସ୍ଥା ଦେଇ ଗତି କରୁଛୁ । ନିଜର କର୍ମ କପାଳକୁ ଆଦରି ପଡ଼ି ରହିଛୁ । ଆପଣମ
ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ, ଆମେ ନିଶ୍ଚୟ କୃତଜ୍ଞ ହେବୁ ।

ଏତେ ସବୁ ବିଷୟରେ ଆଲୋଚନା କରିବା ପରେ କଲଙ୍ଗା ଜାତିର
ସଂପୂର୍ଣ୍ଣ ଚିତ୍ର ଆମ ଆଖି ସାମ୍ନାରେ ବର୍ତ୍ତମାନ, ଏହାକୁ ଅସ୍ୱୀକାର କରାଯାଇ ନପାରେ
ଏମାନେ ଖୁବ୍ ନୀରିହ ତଥା ସରଳ ବିଶ୍ୱାସ ମାନସିକତାର ଗୋଟିଏ ଜାତି । ଏମା
ପାଖରେ ମାୟାହୀନତା ନିହାତି ପକ୍ଷେ ଦେଖିବାକୁ ମିଳେ । ଜୀବନକୁ ପ୍ରକୃତି
ଯୋଡ଼ି ପ୍ରକୃତିର ପ୍ରବାହରେ କେମିତି ପ୍ରବାହିତ କରିବାକୁ ହୁଏ, ଏମାନେ
ସୂତ୍ରଧର ନିହାତି । ଯଦିବି ସହର ସହ ଏମାନଙ୍କ ଏବେ ସଂପୃକ୍ତି ବଢ଼ିବାରେ ଲାଗି
ତଥାପି ସହରୀ ଦୁଷିତତା ଏମାନଙ୍କୁ ଛୁଇଁ ପାରିନାହିଁ । ନିଜର ବାହୁର ବଳ ଏ
କପାଳକୁ ନେଇ ଏମାନେ ଜୀବନ ଜୀଇଁବାକୁ ସର୍ବଦା ପସନ୍ଦ କରି ଆସୁଥିବା
ଜାତି । କାହିଁ କେଉଁ କାଳରୁ ପ୍ରବାହିତ ନିଜର ପାରମ୍ପାରିକ ନୃତ୍ୟ କଳାକୁ ଦୀର୍ଘଜୀ
କରିବା ପାଇଁ ଏମାନେ ସର୍ବଦା ସଂକଳ୍ପବଦ୍ଧ । ମାନ୍ଦଲ୍‌ର ତାଳେ ତାଳେ, ଚାପ୍‌ର
ଝମ୍‌ରେ, ଝାଂଜ୍‌ର ବାଜଣାରେ, କଲଙ୍ଗା ଦଣ୍ଡ ଓ ଦର୍ପଣର ଚହଟାଣରେ ଏମା
ନିଜକୁ ହଜେଇ ଦିଅନ୍ତି ବିଭୋର୍ ହୋଇ ।

କଲଙ୍ଗା ଜନ ଜୀବନ ଓ କଲଙ୍ଗା ନାଚର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ
ସରକାର ଦୃଷ୍ଟି ଦେବା ଏକାନ୍ତ ଆବଶ୍ୟକ ବୋଲି ମନେହୁଏ ।